**ଜିଲାସ୍ତରୀୟ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ**

**ବାରିପଦା ଅଫିସ:** ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ବିଦ୍ୟାଳୟ ପରିସରରେ ଓଡିଶାର ଶ୍ରେଷ୍ଠ ଏକ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷକ ମାନଙ୍କର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାର ଏମ୍‌କେସି ହାଇସ୍କୁଲ, ରାଇରଙ୍ଗପୁର ହାଇସ୍କୁଲ, କରଞ୍ଜିଆ ହାଇସ୍କୁଲ ଓ ବହଳଦା ହାଇସ୍କୁଲର ଶିକ୍ଷକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋ ସ୍କୁଲ କାର୍ଯ୍ୟକ୍ରମର ପ୍ରୋଗ୍ରାମ ମ୍ୟାନେଜର ଯୁଧିଷ୍ଠିର ପ୍ରାଣିଗ୍ରାହୀ ଯୋଗଦେଇ ଦକ୍ଷତା ଅଭିବୃଦ୍ଧି ନିମିତ୍ତ ବିଭିନ୍ନ ସୂଚନା ପ୍ରଦାନ କରିଛନ୍ତି। ରୋହିମା ନିମା ଓ ସୁଜାତା ନାଏକ ପ୍ରଶିକ୍ଷଣ ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ କରି ବୃଦ୍ଧ ଗିରଫ

**ପାଟଣା,୨୧।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଏରେଣ୍ଡେଇ ପଞ୍ଚାୟତ ବେଗୁନାଖମଣ ଗ୍ରାମର ଭରତ ମହାନ୍ତଙ୍କୁ କୁରାଢ଼ୀରେ ଆକ୍ରମଣ କରିଥିବା ଅଭିଯୋଗରେ ସୋମବାର ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ବୃଦ୍ଧ ହେଲେ ସଦାନନ୍ଦ ମହାନ୍ତ। ଗୁରୁତର ଭରତଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ଭରତ ରବିବାର ପୂର୍ବାହ୍ଣରେ ନିଜ ଗୃହ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ସଦାନନ୍ଦ କୋଣସି କାରଣରୁ ଉତକ୍ଷିପ୍ତ ହୋଇ ଏକ କୁରାଢ଼ିରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୫୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**ହାଟଡିହୀ, ୨୧।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ନନ୍ଦିପଦା ଥାନା ନୂଆରମ୍ଭାସ ଗ୍ରାମର ସାଗର ସାହୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଗାଁ ନିକଟସ୍ଥ କେନାଲ ଠାରୁ ଅଳ୍ପ ଦୂରରେ ଥିବା ଏକ ବର ଗଛରେ ତାଙ୍କର ଝୁଲନ୍ତା ମୃତଦେହ ଶୁକ୍ରବାର ଦେଖିବାକୁ ମିଳିଥିଲା। ପରେ ନନ୍ଦିପଦା ଥାନାକୁ ଖବର ଦିଆଯାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦୨୨) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବିପିଏଲ ହିତାଧିକାରୀଙ୍କ ବିଦ୍ୟୁତ୍ ବିଲ୍ ୨୦ ହଜାର

**ପାଟଣା, ୨୧।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ମଙ୍ଗଳପୁର ନାଏକ ସାହିର ବିପିଏଲ ବର୍ଗର ସର୍ଦ୍ଦାର ନାଏକଙ୍କ ଫେବୃୟାରୀ ମାସର ମିଟରରେ ଆସିଥିବା ବିଦ୍ୟୁତ ବିଲ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହେବ। ଚାଳ ଖପର ଘରେ ରହୁଥିବା ସର୍ଦ୍ଦାର ନାଏକଙ୍କ ଘରେ ମୋଟ ୪ଟି ଏଲଇଡି ବଲ ଜଳୁଥିଲେ ହେଁ ଫେବୃୟାରୀ ମାସରେ ତାଙ୍କର ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ବିଲ ଆସିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି। ଏତେ ଟଙ୍କା କୋଉଠୁ ଆଣିବେ ଏତେ ବିଲ କିଭଳି ହେଲା ଏହି ଚିନ୍ତାରେ ସେ ଏବେ ଅସ୍ତ ବ୍ୟସ୍ତ ହୋଇ ବିବ୍ରତ ହୋଇ ପଡିଛନ୍ତି। ଏନେଇ ସର୍ଦ୍ଦାର ପାଟଣା ବିଦ୍ୟୁତ ସେକ୍ସନର ଜଣେ କର୍ମଚାରୀଙ୍କୁ ସାକ୍ଷାତ କରି ଭୁଲ ବିଲ୍‌କୁ ସଂଶୋଧନ କରିବାକୁ ଗୁହାରି କରିବାରୁ କର୍ମଚାରୀ ଜଣକ ତାଙ୍କୁ ଓଲଟି ବେଶି ରଙ୍ଗ ଦେଖାଇବୁ ତ ଲାଇନ କାଟି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଉକ୍ତ ଗାଁର କେତେକ ଉପଭୋକ୍ତା ସୋମବାର ବିଦ୍ୟୁତ ବିଭାଗର ବିଚିତ୍ର ନୀତିକୁ ତୀବ୍ର ବିରୋଧ କରିଛନ୍ତି। ସେମାନେ ଏହାର ବିଭିବଦ୍ଧ ତଦନ୍ତ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିୟମିତ ଭାବେ ପ୍ରତିମାସ ବିଦ୍ୟୁତ ବିଲ ବିତରଣ ଆଉ ବିଲ ଆଦାୟ ଠିକ ରୂପେ ବିଭାଗ ତରଫରୁ ହେଉ ନ ଥିବା ବେଳେ ମାର୍ଚ୍ଚ ମାସରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ନ ହେଉଣୁ ଏକ ଘରୋଇ ସଂସ୍ଥାର ସମ୍ପୂର୍ଣ୍ଣ ବିଦ୍ୟୁତ ଦେୟ ପୈଠ ପାଇଁ ବାଧ କରି ଉପଭୋକ୍ତାଙ୍କୁ ଜୁଲୁମ କରୁଥିବାର ଅଭିଯୋଗ କରିଛନ୍ତି।

# ଜମୁଛି ପ୍ରଚାର, ଚାଲିଛି ଅଙ୍କକଷା

**ବାରିପଦା ପୌର ନିର୍ବାଚନ**

**ପରିଷଦ ହାତେଇବାକୁ ବିଜେଡିର ଜୋରଦାର ପ୍ରୟାସ**

**ବାରିପଦା ଅଫିସ,୨୧।୩**

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ନିର୍ବାଚନ ଲାଗି ସହର ଦୁଲୁକୁଛି। ପ୍ରାର୍ଥୀଙ୍କ ମାରାଥନ ପ୍ରଚାର ଜମୁଥିବା ବେଳେ ହାରଜିତ୍‌କୁ ନେଇ ଜୋରସୋର ଅଙ୍କକଷା ଚାଲିଛି। ସହରର କୋଣ ଅନୁକୋଣରେ ପୋଷ୍ଟର ଓ ହୋର୍ଡିଂରେ ପ୍ରାର୍ଥୀମାନଙ୍କ ଭୋଟ ପ୍ରାର୍ଥନା ଦେଖିବାକୁ ମିଳିଛି। ବିଜେଡି, ଭାଜପା, କଂଗ୍ରେସ, ଜେଏମ୍ଏମ୍ ଓ ସ୍ୱାଧୀନ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ ରୋଡ୍ ଶୋ ଓ ପଥପ୍ରାନ୍ତ ସଭା ମାଧ୍ୟମରେ ଭୋଟରଙ୍କୁ ମନାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସହରର ବିକାଶ ଦିଗରେ ସମସ୍ତେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ତେବେ ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଦକ୍ଷତାକୁ ନେଇ ପୌରାଧକ୍ଷ ବଛା ହେବେ ବୋଲି ଆଲୋଚନା ଜୋର ଧରିଛି।

ପୌର ନିର୍ବାଚନକୁ ଆଉ ମାତ୍ର ୩ ଦିନ ରହିଲା। ବାରିପଦା ସହରରେ ଥିବା ୨୮ଟି ୱାର୍ଡର ୮୨ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ୧୧୧କାଉନସିଲର ଓ ୧୬ ପୌରାଧକ୍ଷ ପ୍ରାର୍ଥୀଙ୍କ ମଧ୍ୟରୁ ନେତା ବାଛିବେ ୮୧ହଜାର ୨୨୨ ଭୋଟର। ଅଧକ୍ଷ ପଦ ହାତେଇବା ପାଇଁ ସମସ୍ତ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ୭୫ପ୍ରତିଶତ ମତଦାନ ହେଲେ ୨୦ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିବା ପ୍ରାର୍ଥୀ ନଗରପାଳ ଆସନରେ ବସିବେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ତେବେ ମତଦାନ ହାର ବୃଦ୍ଧି ପାଇଲେ କେଉଁ ଦଳର ବିଜୟ ସହଜ ହେବ ସେ ନେଇ ମଧ୍ୟ ବିଚାର ବିମର୍ଷ ଚାଲିଛି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରତି ଭୋଟରଙ୍କ ସହମତି ବୃଦ୍ଧି ପାଉଥିବା ବେଳେ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଦୌଡ଼ରେ ଆଗୁଆ ରହିଛନ୍ତି। ଏପରିସ୍ଥଳେ ବିଜେଡି ପ୍ରାର୍ଥୀଙ୍କ ପାଇଁ ସମସ୍ୟା ଦେଖାଦେଇଥିବାରୁ ଦଳ ପକ୍ଷରୁ ମାରାଥନ ପ୍ରଚାର ଜାରି ରହିଛି। ୨ଟି ୱାର୍ଡର କାଉନସିଲର ପ୍ରାର୍ଥୀ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଆସନକୁ ଅକ୍ତିଆର କରିବା ପାଇଁ ବିଜେଡି ପକ୍ଷରୁ ବିଭିନ୍ନ କୌଶଳ ଅବଲମ୍ବନ କରାଯାଉଛି। ୩ଟି ୱାର୍ଡରେ ଦଳୀୟ ଟିକଟରୁ ବଞ୍ଚିତ ହୋଇ ୩ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ଭାଜପାର ପ୍ରଚାର ପ୍ରସାର ପାଇଁ ରାଜ୍ୟସ୍ତରୀୟ କୌଣସି ହେଭିୱେଟ ନେତାଙ୍କୁ ଦେଖିବାକୁ ମିଳୁନାହିଁ। କେନ୍ଦ୍ରମନ୍ତ୍ରୀ ତଥା ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କ ଅନୁପସ୍ଥିତି ଦଳୀୟ କର୍ମୀଙ୍କୁ ନିରାଶ କରିଛି। ତଥାପି ଭାଜପା ପ୍ରତି ଲୋକଙ୍କ ସମର୍ଥନ ରହିଥିବାରୁ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ଦଳୀୟ ପ୍ରାର୍ଥୀମାନେ ନିଜ ଉଦ୍ୟମରେ ପ୍ରଚାର କାର୍ଯ୍ୟକୁ ଆଗେଇ ନେଉଥିବା ଦେଖିବାକୁ ମିଳୁଛି।

# ବିଜେଡିକୁ ବହୁ ମତ ଦେବାକୁ ଦଳୀୟ ନେତାଙ୍କ ଅନୁରୋଧ


ପ୍ରଚାର ଅବସରରେ ବିଜେଡି ପ୍ରାର୍ଥୀ ଓ ସମର୍ଥକମାନେ।

**କେନ୍ଦୁଝର ପୌର ନିର୍ବାଚନ**

**କେନ୍ଦୁଝର, ୨୧।୩(ଡି.ଏନ୍.ଏ.)**

କେନ୍ଦୁଝର ସହରକୁ ରାଜ୍ୟର ଏକ ଆଦର୍ଶ ସହର ଭାବେ ଗଢି ତୋଳିବା ସହ ଜନସାଧାରଣ ଦେଉଥିବା ସମସ୍ତ ଟିକସର ପୁନର୍ବିଚାର କରାଯିବ ବୋଲି ବିଜେଡି ନଗରପାଳ ପ୍ରାର୍ଥିନୀ ଅର୍ଚ୍ଚନା ରାଉତ ପ୍ରକାଶ କରିଛନ୍ତି। ପୌର ନିର୍ବାଚନ ସମୟରେ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ନୁହେଁ ଯଦି ବିଜ୍ଞ ଓ ସଚେତନ ଭୋଟରଙ୍କ ଆଶୀର୍ବାଦ ରହେ ତେବେ ନିଶ୍ଚିତ ଭାବେ ଆନ୍ତରିକତାର ସହ ସେବା ଯୋଗାଇ ଦେବାକୁ ବିଜେଡି ବଦ୍ଧ ପରିକର ବୋଲି ଅଧକ୍ଷା ପ୍ରାର୍ଥିନୀ ରାଉତ ପ୍ରକାଶ କରିଛନ୍ତି। କେନ୍ଦୁଝର ସହରବାସୀଙ୍କ ସହ ପ୍ରକୃତରେ କିଏ ଅଛି ଓ ନିଷ୍ଠାପର ସେବକ କିଏ ତାହା ବିଚାର କରିବାକୁ ସେ ନିବେଦନ କରିଛନ୍ତି। ସହରବାସୀଙ୍କୁ ବିଜେଡିର ସମସ୍ତ କାଉନସିଲର ଓ ଅଧକ୍ଷା ପ୍ରାର୍ଥିନୀଙ୍କୁ ନିଜର ମୂଲ୍ୟବାନ ମତ ଦେବାକୁ ଜିଲା ଯୋଜନା ବୋର୍ଡ ଅଧକ୍ଷ ଜଗନ୍ନାଥ ନାୟକ, ଜିଲା ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ରାଜା ଚକ୍ର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି କାନନ ବିହାରୀ ପଢ଼ି, ଜିଲା ଏସ୍‌ସି ସେଲ ଅଧକ୍ଷ ଭରତ ଚନ୍ଦ୍ର ପାତ୍ର, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି। କରୋନା ମହାମାରୀ ହେଉ ବା ବାତ୍ୟା, ଦୈବୀ ଦୁର୍ବିପାକ ପରି ସବୁ ବିପର୍ଯ୍ୟୟ ସମୟର ସାଥୀ ହୋଇଥିବା ନବୀନ ପଟ୍ଟନାୟକଙ୍କୁ ସହଯୋଗ କରିବାକୁ ନିବେଦନ କରାଯାଇଛି। ସଂପ୍ରତି ପୌର ନିର୍ବାଚନରେ ଅର୍ଥବଳରେ ଜନମତକୁ ପ୍ରଭାବିତ କରାଯିବାର ସମସ୍ତ ଅପଚେଷ୍ଟାକୁ ସହରବାସୀ ହୃଦୟଙ୍ଗମ କରିଛନ୍ତି ଓ ଏହାର ଉଚିତ ଜବାବ ଦେବେ ବୋଲି ବିଜେଡିର ନେତାମାନେ ପ୍ରକାଶ କରିଥିବାବେଳେ ସହରର ଭୋଟରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଦେବା ପାଇଁ ଅନୁରୋଧ କରିଛନ୍ତି।

# ସବୁ ନେତାଙ୍କ ମୁହଁରେ ଯୋଡ଼ାର ବିକାଶ



ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀ ଓ ଅନ୍ୟମାନେ।

**ଯୋଡ଼ା,୨୧।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ଅପରାହ୍ଣରେ ଯୋଡ଼ା କେନ୍ଦ୍ରୀୟ ଖେଳ ପଡିଆ ଠାରେ ଗୋଟିଏ ମଞ୍ଚରେ ହେଭିୱେଟ ନେତାଙ୍କ ସମାଗମ ହୋଇଥିଲା। ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଜିତୁ ପଟ୍ଟନାୟକ, ଧନୁର୍ଜୟ ସିଦ୍ଧୁଙ୍କ ସମେତ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣି ମୁର୍ମୁ, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ବରିଷ୍ଠ ଉପସଭାପତି କୁଶ ଆପଟ୍ଟ, ଜିଲା ବିଜେଡି ମହିଳା ସଭାପତି ରମଣୀ ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ଯୋଡ଼ାର ୧୪ଟି ୱାର୍ଡର କାଉନସିଲର ପ୍ରାର୍ଥୀ ଓ ଅଧକ୍ଷ ପ୍ରାର୍ଥୀ ଡ଼ା ଜଗଦୀଶ ପ୍ରସାଦ ସାହୁଙ୍କୁ ଭୋଟ ଦେବା ପାଇଁ ଏକ ନିର୍ବାଚନୀ ସଭା କରାଯାଇଥିଲା। ଦଳରେ କନ୍ଦଳ ନୁହେଁ, ଯୋଡ଼ାର ବିକାଶ ପାଇଁ ସମସ୍ତେ ଏକାଠି ବୋଲି ସବୁ ନେତାମାନେ ନିଜର ମତ ବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ କହିଥିଲେ ଯେ, ସେ ପୌରାଧକ୍ଷ ଥିଲାବେଳେ ଅନେକ ଜନ କଲ୍ୟାଣ କାର୍ଯ୍ୟକୁ ପରବର୍ତ୍ତୀ ସମୟରେ ପୌରଧକ୍ଷ ଥିବା ନେତା ମାନେ ବନ୍ଦ କରି ଦେଇଥଲେ। ଜଗଦୀଶ ସାହୁ ନିର୍ବାଚିତ ହେଲେ ବକେୟା ବିକାଶ କାର୍ଯ୍ୟକୁ ପୁରା କରାଯିବ। ସନାତନ ମହାକୁଡ଼ କହିଥିଲେ ଯେ, ଅତୀତରେ ଯୋଡ଼ା ଅଞ୍ଚଳରେ ବିଭିନ୍ନ ଖଣିରେ ଜନଶୁଣାଣି ହେଉଥିବା ବେଳେ କେତେକ ତଥାକଥିତ ନେତା ଖଣି କମ୍ପାନୀ ସହିତ ସାଲିସ କରି ନିଜର ଫାଇଦା ହାସଲ କରୁଥିଲେ। ଫଳରେ ନିଯୁକ୍ତିରୁ ୧୪ଟି ୱାର୍ଡରେ ଥିବା ଶିକ୍ଷିତ ଯୁବତୀଯୁବକ ବଞ୍ଚିତ ହେଉଛନ୍ତି। ସହରର ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡିଛି। ଏଥିରେ ନିଶ୍ଚୟ ସୁଧାର ଅଣାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି ଦାରା ହିଁ ବିକାଶ ସମ୍ଭବ ବୋଲି କୁଶ ଆପଟ୍ଟ କହିଛନ୍ତି। ଏମ୍‌ପି ମୁର୍ମୁ କହିଥିଲେ ଯେ, ସାରା ଭାରତ ବର୍ଷରେ ବିଜେଡି ଶାସନକୁ ଅନ୍ୟ ରାଜ୍ୟ ମାନେ ଏକ ଆଦର୍ଶ ଭାବେ ଗ୍ରହଣ କରୁଛନ୍ତି। ଏଣୁ ଯୋଡ଼ାର ସାମୁହିକ ବିକାଶ ପାଇଁ ବିଜେଡି ଦଳକୁ ସମସ୍ତ ନେତା ଭୋଟ ଦେବା ପାଇଁ ଆହ୍ୱାନ କରିଥିଲେ। ଅଧକ୍ଷ ପ୍ରାର୍ଥୀ ଡ଼ା ସାହୁ କହିଥିଲେ ଯେ, ସରକାରୀ ଡାକ୍ତର ଭାବେ ଦରମା ପାଇଁ ରୋଗୀ ସେବା କରୁଥିଲି। ସେବା ନିବୃତ୍ତ ହେବା ପରେ ନିଃସ୍ୱାର୍ଥ ହୋଇ ଜନ ସେବା କରିବି। ଉକ୍ତ ସଭାରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ସମାଗମ ହୋଇଥିଲା।

### ସରିଲା ପିଞ୍ଛାବଣିଆ ଦୋଳ ମେଳା

**ରୂପସା, ୨୧।୩(ଡି.ଏନ.ଏ.)**

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ଓଡ଼ିଶା ପ୍ରସିଦ୍ଧ ପିଞ୍ଛାବଣିଆ ଦୋଳ ମେଳା ଉଦ୍‌ଯାପିତ ହୋଇଯାଇଛି। ଦୋଳ ପୂର୍ଣ୍ଣିମାଠାରୁ ୩ ଦିନ ବ୍ୟାପୀ ଅନୁଷ୍ଠିତ ମେଳାରେ ଲକ୍ଷାଧିକ ଲୋକଙ୍କର ସମାଗମ ହୋଇଥିଲା। ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ରାଜ୍ୟରୁ ଉଠାଦୋକାନୀମାନେ ଆସି ଏଠାରେ ବ୍ୟବସାୟ କରିଥିଲେ। ରାଧାବଲ୍ଲଭ ମନ୍ଦିରରୁ ରାଧାକୃଷ୍ଣଙ୍କ ବିଗ୍ରହକୁ ପାଲିଙ୍କିରେ ବସାଇ ଏକ ବିଶାଳ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ନାମ ସଂକୀର୍ତ୍ତନ ପୂର୍ବକ ନିଆଯାଇ ପରିକ୍ରମା କରାଯାଇଥିଲା। ପିଲାଙ୍କ ମିନାବଜାର, ପାଣି ବୋଟ, ଚକ୍ରି ଦୋଳି ଆଦିରେ ପ୍ରବଳ ଭିଡ଼ ହୋଇଥିଲା।କରୋନା ଯୋଗୁ ଗତ ଦୁଇ ବର୍ଷ ଧରି ପ୍ରଶାସନ ପକ୍ଷରୁ ଏହି ମେଳାକୁ ବନ୍ଦ ରଖାଯାଇଥିଲା। ପଞ୍ଚାୟତ କର୍ତ୍ତୃପକ୍ଷ ଓ ଦୋଳମେଳା କମିଟି କର୍ମକର୍ତ୍ତା ଏହି ମେଳାକୁ ପରିଚାଳନା କରିଥିଲେ। ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଚିକିତ୍ସା ଶିବିର, ନୀଳମଣି କଲେଜ, ସତ୍ୟସାଇ ସେବା ସଙ୍ଗଠନ ଓ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମ ତରଫରୁ ଜଳଦାନ ଶିବିର ଆୟୋଜନ ହୋଇଥିଲା। ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି ଓ ରୂପସା ଥାନାଧିକାରୀ ସୂଚନ୍ଦ୍ର ମହାଲିକଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ସହ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ପ୍ରାର୍ଥିନୀଙ୍କ ରୋଡ୍ ଶୋ'ରେ ଟେଲି କଳାକାର


ରୋଡ୍ ଶୋ'ରେ ସାମିଲ ହୋଇଥିବା ଟେଲି କଳାକାର।

**ଧାମନଗର ଏନ୍ଏସି ନିର୍ବାଚନ**

**ଧାମନଗର, ୨୧।୩ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ଏନ୍ଏସିରେ ଚଳିତବର୍ଷ ପ୍ରଥମଥର ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଭୋଟରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି। ସୋମବାର ସନ୍ଧ୍ୟାରେ ଭାଜପା ଅଧକ୍ଷା ପ୍ରାର୍ଥୀ ପୁଷ୍ପଶ୍ରୀ ମହାନ୍ତି ଧାମନଗରରେ ରୋଡ଼ଶୋ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଭାଜପା ଯୁବ ମୋର୍ଚ୍ଚା ସୋସିଆଲ ମିଡିଆ ସଂଯୋଜକ ସୂର୍ଯ୍ୟବଂଶୀ ସୁରଜ, ଶରତ ମହାନ୍ତି ଓ ସତ୍ୟବ୍ରତ ଦାସ ଏଥିରେ ସାମିଲ ଥିଲେ। ପୁଷ୍ପଶ୍ରୀଙ୍କ ପାଇଁ ସିରିଏଲ୍ ଅଭିନେତା ଅଭିନେତ୍ରୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଜୟଜିତ୍ ଦାଶ, ଉପାସନା ଭଦ୍ର ମହାନ୍ତି, ସୟାଲ, କାଜଲ, ଶ୍ରେୟାନ ନାୟକ, ବରଦା ପ୍ରସନ୍ନ ପାତ୍ର, ଫ୍ଲୋରେନ୍ସ ପାଢ଼ୀ, ସନ୍ଦୀପ୍ ମିଶ୍ର ପ୍ରମୁଖ ଅଭିନେତା ଅଭିନେତ୍ରୀ ତାଙ୍କ ପାଇଁ ଭୋଟ୍ ନିବେଦନ କରିଛନ୍ତି। ଧାମନଗର ଏନଏସିର ବ୍ଲକ ଛକଠାରେ ଥିବା ବାସନ୍ତୀ ଦୁର୍ଗା ମନ୍ଦିରରୁ ବାହାରି ଧାମନଗର ସାନବଜାର, ବଡ଼ବଜାର, ମେଡିକାଲ ବଜାର, ଦକ୍ଷିଣବାଡ଼, ଶାମପୁର, କସା ବସ୍ତି, ମହାନ୍ତିସାହି, ଚୂନପଡା ଛକ, ହବିବନଗର, ଜୟନଗର, ମୁନସୀପାଟଣା, ତାଳପଦା, ଗୁମଗଡ଼, କାଙ୍କରା ଆଦି ଗ୍ରାମରେ ପ୍ରଚାର କରାଯାଇଥିଲା। ପୁଷ୍ପଶ୍ରୀଙ୍କ ସହ ୧୧ କାଉନ୍‌ସିଲର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେମାନେ ଭୋଟ୍ ଭିକ୍ଷା କରିଥିଲେ।

# ପୌରାଞ୍ଚଳ ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ

**ବାସୁଦେବପୁର,୨୧।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରରେ ଭାଜପା ପକ୍ଷରୁ ସୋମବାର ଅପରାହ୍ଣରେ ଆୟୋଜିତ ଖବରଦାତା ସମ୍ମିଳନୀ ମାଧ୍ୟମରେ ଦଳର ଆଭିମୁଖ୍ୟ ଓ ନିର୍ବାଚନ ଇସ୍ତାହାର ସମ୍ପର୍କରେ ପୌରାଧକ୍ଷ ପ୍ରାର୍ଥିନୀ ପୁଷ୍ପାଞ୍ଜଳି ମହାପାତ୍ର କହିଛନ୍ତି। ଦୀର୍ଘବର୍ଷ ଧରି କଂଗ୍ରେସ ଓ ବିଜେଡି ପୌରପାଳିକାକୁ ଅବହେଳିତ କରି ରଖିବା ସହ ମୌଳିକ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଥିବା ପୁଷ୍ପାଞ୍ଜଳି ଅଭିଯୋଗ ଆଣିଥିଲେ। ଆଗାମୀ ଦିନରେ ଭାଜପା ଜୟଯୁକ୍ତ ହେଲେ ପୌରାଞ୍ଚଳ ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପ ନଗରପାଳ ଗଦାଧର ପଲେଇ, ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ବରିଷ୍ଠ ଭାଜପା ନେତା ଉମାକାନ୍ତ ଖୁଣ୍ଟିଆ, ସାମାଜିକ କର୍ମୀ କିଶୋର ମହାପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପ୍ରାର୍ଥିନୀ ପୁଷ୍ପାଞ୍ଜଳି ମହାପାତ୍ର ଓ ଭାଜପା କର୍ମକର୍ତ୍ତା।

### ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା

**ସଜନାଗଡ଼, ୨୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁର ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟର ୩ ଠିକା କର୍ମଚାରୀଙ୍କୁ ଚାକିରୀରୁ ନିଲମ୍ବନ ପ୍ରତିବାଦରେ ସୋମବାର ସେମାନେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପହଞ୍ଚି କଲେଜ ଅଧକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହାର ତଦନ୍ତ କରାଯିବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବିଜେଡିର ନିର୍ବାଚନୀ ସଭା



ସଭାରେ ପ୍ରାର୍ଥୀଙ୍କ ସହ ବିଜେଡି ନେତୃବୃନ୍ଦ।

**ଧାମନଗର,୨୧।୩**

ଭଦ୍ରକ ଜିଲା ଧାମନଗର ଏନ୍ଏସି ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଭୋଟରଙ୍କୁ ଭେଟି ମନାଇବାରେ ଲାଗିପଡ଼ିଛନ୍ତି। ଏନ୍ଏସିର ସମସ୍ତ ୱାର୍ଡରେ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ୧ ନଂ. ୱାର୍ଡର କାଙ୍କରା ଗ୍ରାମରେ ଏକ ପଥପ୍ରାନ୍ତ ନିର୍ବାଚନୀ ସଭାରେ ବିଜେଡି ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ଉଦ୍ୟମ ଚଳାଇଛି। ଅଧକ୍ଷ ପ୍ରାର୍ଥିନୀ ନିବେଦିତା ଜେନା ଏବଂ ୧ ନଂ. ୱାର୍ଡର କାଉନସିଲର ପ୍ରାର୍ଥୀ ଜଗଦୀଶ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇଥିଲେ। ନିର୍ବାଚନରେ ଜିତିଲେ ଅଧୁରା ଥିବା ଅନେକ ବିକାଶମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଉପରେ ଗୁରୁତ୍ୱ ଦେବେ ବୋଲି ଜଗଦୀଶ ପ୍ରତିଶ୍ରୁତି ଦେଇଛନ୍ତି। ଯାଜପୁର ଜିଲା ସଭାପତି ତଥା ଧାମନଗର ବ୍ଲକ ପର୍ଯ୍ୟବେକ୍ଷକ ସରୋଜ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଧୂଷୁରୀ ଓ ଅସୁରାଳି ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ ଓ ଶାରଦା ପ୍ରସନ୍ନ ସାହୁ, ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ନଗର ସଭାପତି ସୁଶାନ୍ତ ନାୟକ ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ନିରଞ୍ଜନ ସ୍ୱାଇଁ, ହୃଷିକେଶ ସ୍ୱାଇଁ, ଧନେଶ୍ୱର ରାଉତ, କୈଳାସ ସ୍ୱାଇଁ, ପଦ୍ମନାଭ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ବାଲେଶ୍ୱର ପୌରନିର୍ବାଚନ**

# ୩ ଦଳର ମାରାଥନ୍ ପ୍ରଚାର

**ବାଲେଶ୍ୱର ଅଫିସ, ୨୧।୩**

ବାଲେଶ୍ୱର ପୌର ଅଧକ୍ଷା ଏବଂ କାଉନସିଲର ପଦବୀ ପାଇଁ ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ପୂର୍ବାହ୍ଣରେ ଘରକୁ ଘର ବୁଲି ପ୍ରଚାର କରୁଥିବା ବେଳେ ଅପରାହ୍ଣରେ ୱାର୍ଡ଼ରୁ ୱାର୍ଡ, ସଭାସମିତି ଆୟୋଜନରେ ବ୍ୟସ୍ତ ରହୁଛନ୍ତି।

ବାଲେଶ୍ୱର ପୌରାଞ୍ଚଳର ମୋଟ ୩୧ ୱାର୍ଡରେ ଭୋଟଗ୍ରହଣ ପାଇଁ ୯୮ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ମୋଟ ଭୋଟର ସଂଖ୍ୟା ୯୬ହଜାର ୩୪୬। ସେଥିମଧ୍ୟରୁ ମହିଳା ଭୋଟର ୪୮ହଜାର ୬୫୩, ପୁରୁଷ ଭୋଟର ୪୭ହଜାର ୬୮୭ ଏବଂ ତୃତୀୟ ଲିଙ୍ଗ ଭୋଟର ୬ଜଣ ରହିଛନ୍ତି। ୫ଜଣ ପୌରାଧକ୍ଷ ପ୍ରାର୍ଥିନୀ ବିଜେଡିରୁ ସବିତା ସାହୁ, ଭାଜପାରୁ ରଶ୍ମିରେଖା ଦେବ, କଂଗ୍ରେସରୁ ପ୍ରଜ୍ଞା ପରମିତା ବିଶ୍ୱାଳ, ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଚିତ୍ରାରାଣୀ ପାତ୍ର, ଆମ୍ ଆଦ୍‌ମୀ ପାର୍ଟି (ଆପ୍)ରୁ ସବିତା ରାଣୀ ଦାସ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେଥିମଧ୍ୟରୁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥିନୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି। ଚଳିତବର୍ଷ ପୌର ଅଧକ୍ଷା ପଦ ପାଇଁ ସିଧାସଳଖ ନିର୍ବାଚନ ହେଉଛି। ସେଥିପାଇଁ କେଉଁ ଦଳ ଅଧିକ ଭୋଟ ପାଇ ବିଜୟୀ ହେବ ତାହା ସ୍ପଷ୍ଟ ହୋଇନାହିଁ।

ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସବିତା ସାହୁ ପୂର୍ବରୁ କାଉନ୍‌ସିଲର ଥିବା ବେଳେ ତାଙ୍କର ସ୍ୱାମୀ ମଧ୍ୟ ଭିନ୍ନ ଭିନ୍ନ ୱାର୍ଡରୁ କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିଲେ। ଉକ୍ତ ଅଞ୍ଚଳଗୁଡ଼ିକରେ ଲୋକାଭିମୁଖୀ କାର୍ଯ୍ୟ, ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା, ଦୁଃଖସୁଖରେ ସାଥୀ ହେବା ଭଳି କାର୍ଯ୍ୟକୁ ଆଧାର କରିବା ସହ ବିଜେଡିର ପ୍ରଭାବ ବଳରେ ନିର୍ବାଚନୀ ବୈତରଣୀ ପାରି ହେବାର ଲକ୍ଷ୍ୟ ରଖିଛନ୍ତି। ଏ ସମ୍ପର୍କରେ ସବିତା କୁହନ୍ତି, ଦୀର୍ଘ ସମୟ ଧରି ଆମ ପରିବାର ପୌରାଞ୍ଚଳ ରାଜନୀତିରେ ସାମିଲ ରହିଛି। ଲୋକମାନଙ୍କର ମୌଳିକ ସମସ୍ୟା ସହ ଜଡ଼ିତ। ପ୍ରାୟ ଅଧିକାଂଶ ୱାର୍ଡରେ ରାସ୍ତା, ଡ୍ରେନ୍, ପାଣି ସମସ୍ୟା ରହିଛି। ଧୀରେ ଧୀରେ ରାଜ୍ୟ ସରକାର ଏହାର ସମାଧାନ କରିବା ପାଇଁ ଚେଷ୍ଟା କରୁଛନ୍ତି। ସହରର ରିଂ-ରୋଡ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜାଗା ମିଶନରେ ଟାଉନ୍ ପ୍ଲାନିଂ ବସ୍ତି ନିର୍ମାଣ କରି ଲୋକଙ୍କୁ ଥଇଥାନ କରିବା ଓ ପରିମଳ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ ପ୍ରତ୍ୟେକ ୱାର୍ଡକୁ ଏକ ମଡେଲ୍ ୱାର୍ଡ ଭାବେ ପରିଚୟ କରାଇବା ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।


ବାଲେଶ୍ୱର ପୌରାଧକ୍ଷ ପ୍ରାର୍ଥିନୀ ସବିତା ସାହୁ, ରଶ୍ମିରେଖା ଦେବ, ପ୍ରଜ୍ଞା ପରମିତା ବିଶ୍ୱାଳ

ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରଶ୍ମିରେଖା ଦେବ ପୂର୍ବରୁ କାଉନ୍‌ସିଲର ସହ ପୌର ଉପାଧକ୍ଷା ଭାବେ ବାଲେଶ୍ୱର ପୌରାଞ୍ଚଳରେ କାର୍ଯ୍ୟ ତୁଲାଇଛନ୍ତି। ଏଥିସହିତ ସହରାଞ୍ଚଳର ଲୋକ ଓ ପରିସ୍ଥିତି ସହ ଓତପ୍ରୋତଃ ଭାବେ ଜଡ଼ିତ। ଅନ୍ୟପକ୍ଷରେ ସେ ରାଜ ପରିବାରର ବୋହୂ ହୋଇଥିବାରୁ ତାଙ୍କ ପ୍ରତି ଲୋକମାନଙ୍କର ଯଥେଷ୍ଟ ସମ୍ମାନ ରହିଛି। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଏବଂ ଯୋଜନାକୁ ଲୋକଙ୍କ ନିକଟରେ ସିଧାସଳଖ ପହଞ୍ଚାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ଏକମାତ୍ର ଲକ୍ଷ୍ୟ। ସହରରେ ଶିଶୁ, ଯୁବଗୋଷ୍ଠୀ ଏବଂ ବୟସ୍କଙ୍କ ଚିତ୍ତବିନୋଦନ ପାଇଁ ଭିନ୍ନ ଭିନ୍ନ ମଡେଲ୍‌ର ପାର୍କ ନିର୍ମାଣ କରିବା ସହ ପାନୀୟଜଳ ସୁବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନକୁ ତ୍ୱରାନ୍ୱିତ କରିବା ଭଳି କାର୍ଯ୍ୟ କରି ବାଲେଶ୍ୱରକୁ ସ୍ମାର୍ଟ ସିଟିରେ ପରିଗଣିତ କରାଇବା ଲକ୍ଷ୍ୟ ରହିଥିବା କହିଥିଲେ।

କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରଜ୍ଞା ପରମିତା ପ୍ରଥମଥର ପାଇଁ ପୌର ନିର୍ବାଚନ ଲଢୁଛନ୍ତି। ଜିଲା ମହିଳା କଂଗ୍ରେସର ସଭାନେତ୍ରୀ ଭାବେ କାର୍ଯ୍ୟ ତୁଲାଇଥିବାରୁ ସହର ସହ ପରିଚିତ ଅଛନ୍ତି। ବାଲେଶ୍ୱର ପୌରାଞ୍ଚଳକୁ ମହାନଗର ଭାବେ ରାଜ୍ୟ ସରକାର ମାନ୍ୟତା ନ ଦେବାରୁ କ୍ଷୋଭ ପ୍ରକାଶ କରିଥିଲେ। ଯୋଜନାର ବିକାଶ କଥା କହି ଲୋକଙ୍କଠାରୁ ଭୋଟ ହାତାଉଥିବା ସରକାର ଦେଇଥିବା ପ୍ରତିଶ୍ରୁତି ରିଂ-ରୋଡ୍ କାର୍ଯ୍ୟ କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି। ପ୍ରତ୍ୟେକ ୱାର୍ଡର ମୌଳିକ ସୁବିଧାରୁ ବଞ୍ଚିତ ଥିବା ଲୋକମାନଙ୍କୁ ନିର୍ବାଚନ ସମୟରେ ଅର୍ଥ ଓ ପ୍ରଶାସନିକ କଳ ଦ୍ୱାରା ଚାପ ପକାଇ ଭୋଟ୍ ହାତେଇବା ଲୋକମାନେ ଭଲ ଭାବେ ଜାଣିସାରିଛନ୍ତି। ବାଲେଶ୍ୱର ସହର ଦୀର୍ଘଦିନ ଧରି ପୌରାଞ୍ଚଳ ମାନ୍ୟତା ପାଇଥିଲେ ମଧ୍ୟ ଏଠାରେ ଅଟୋ ଓ ରିକ୍ସାବାଲାଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟାଣ୍ଡ ନାହିଁ। ଯୁବପିଢ଼ିଙ୍କ ପାଇଁ କୌଣସି ନିଯୁକ୍ତିର ସୁଯୋଗ ନ ଥିବା ବେଳେ ଦିନକୁ ଦିନ ଜିଲାରେ ଥିବା ଶିଳ୍ପ ଅନୁଷ୍ଠାନଗୁଡ଼ିକ ବନ୍ଦ ହେବାକୁ ଯାଉଛି। ଏସବୁର ଆଶୁ ସମାଧାନ ପାଇଁ କଂଗ୍ରେସକୁ ଲୋକମାନେ ଭୋଟ ଦେଇ ତାଙ୍କୁ ବିଜୟୀ କରିବା ପାଇଁ ଆଶା ବାନ୍ଧିଛନ୍ତି।

